
text of the time

# ଶୈଳେନ୍ଦ୍ର ଦ୍ୱିବେଦୀ

ଶୈଳେନ୍ଦ୍ରଙ୍କ ପ୍ରବନ୍ଧ କ୍ଷୁଦ୍ରଗଳ୍ପ ପରି ଲାଗେ ଏବଂ ଏକା ନିଃଶ୍ୱାସକେ ପଢ଼ି ହୋଇଯାଏ.
'ପ୍ରମେୟ'

# ଅନ୍ତରୀକ୍ଷର ଆଖି



EVENTS

# ନାପାମ୍‌ର ନିଆଁ, ଭିଏତନାମର ନୂଆ ଚେହେରା

ତା ୧୪.୪.୨୦୧୬ରିଖ। ୧୦ ଦିନିଆ ଭିଏତନାମ୍ ଏବଂ ଥାଇଲାଣ୍ଡ ଗସ୍ତରେ ଭିଏତ୍‌ନାମ୍‌ରୁ ଥାଇଲାଣ୍ଡ ବାହାରିବା ବେଳକୁ ହାତରେ ମାତ୍ର ୫/୬ଘଣ୍ଟାର ବଳକା ସମୟ। ସେତେବେଳେ ଆମେ ହୋ-ଚି-ମିନ୍ ସିଟିରେ। ସୀମିତ ସମୟ ଭିତରେ ଗାଇଡ୍ ଦୁଇଟି ଜାଗା ଦେଖିଆସିବା ପାଇଁ ପରାମର୍ଶ ଦେଇଥିଲେ- ୱାର୍ ରେମ୍‌ନାଣ୍ଟସ୍ ମ୍ୟୁଜିୟମ ଓ ସୁ-ସି-ଟନେଲ୍।

ୱାର୍ ମ୍ୟୁଜିୟମ ବାବଦରେ ଆଗରୁ କିଛି ପଢ଼ିଥିଲି। ହୋଟେଲରୁ ମ୍ୟୁଜିୟମ ଯିବା ରାସ୍ତାରେ ଗାଇଡ୍ ଧାରଣା ଦେଇଥିଲେ ଭିଏତନାମ ଭୋଗିଥିବା ଉପନିବେଶବାଦ ଓ ଭୟଙ୍କର ଯୁଦ୍ଧ ବାବଦରେ। ସଂକ୍ଷେପରେ ସେ ଯାହା କହିଥିଲେ, ତାହା ଥିଲା ପାଖାପାଖି ଏମିତି: ୧୮୫୯ରୁ ୧୮୮୩ ପର୍ଯ୍ୟନ୍ତ ଭିଏତନାମ ଫ୍ରାନ୍ସର ଉପନିବେଶ ହୋଇ ରହିଥିଲା। ୧୯୪୦ରେ ନିୟନ୍ତ୍ରଣ ଆସିଲା ଜାପାନ ହାତକୁ। ୧୯୪୫ରେ ଭିଏତନାମର ରାଷ୍ଟ୍ରନାୟକ, ମହାନ୍ ସଂଗ୍ରାମୀ ହୋ-ଚି-ମିନ୍ ସ୍ୱାଧୀନତା ଘୋଷଣା କଲେ। ତେବେ ଦୁର୍ଯୋଗକୁ ୧୯୪୬ରେ ପୁଣି ଥରେ ଫ୍ରାନ୍ସ କାବୁ କରିବା ପାଇଁ ଉଦ୍ୟମ କଲା। ପରିଣତି ଥିଲା ସଂଗ୍ରାମ। ଏହାକୁ କୁହାଯାଉଥିଲା ପ୍ରଥମ ଇଣ୍ଡୋ-ଚାଇନା ଯୁଦ୍ଧ। ୧୯୫୪ରେ ଭିଏତନାମ ଦୁଇଖଣ୍ଡ ହୋଇସାରିଥିଲା- ଉତ୍ତର ଓ ଦକ୍ଷିଣ ଭିଏତନାମ। ପରେ ଦୁଇ ଦଶନ୍ଧି ପର୍ଯ୍ୟନ୍ତ ଉଭୟଙ୍କ ଭିତରେ ଲାଗିଗଲା ଘମାଘୋଟ ଯୁଦ୍ଧ (ନଭେମ୍ବର ୧୯୫୫ରୁ ଏପ୍ରିଲ ୧୯୭୫)। ଉତ୍ତର ଭିଏତନାମ ପକ୍ଷରେ ଥିଲେ ସୋଭିଏତ ୟୁନିୟନ, ଚୀନ ଏବଂ ଅନ୍ୟ କମ୍ୟୁନିଷ୍ଟ ସମର୍ଥକ। ଅନ୍ୟପକ୍ଷରେ, ଦକ୍ଷିଣ ଭିଏତନାମ ସହିତ ଥିଲେ ଯୁକ୍ତରାଷ୍ଟ୍ର ଆମେରିକା, ଫିଲିପାଇନ୍ସ ଏବଂ ଅଣକମ୍ୟୁନିଷ୍ଟ ଗୋଷ୍ଠୀ। ଭିଏଟ୍ କଙ୍ଗ୍ ବାହିନୀ (ଭିସି) ଗରିଲା ଯୁଦ୍ଧରେ ନିପୁଣ ଥିଲେ। ନର୍ଥ ଭିଏତନାମିଜ୍ ଆର୍ମି (ଏନଭିଏ) ଲଢୁଥିଲେ ପାରମ୍ପରିକ ପଦ୍ଧତିରେ। ଯୁକ୍ତରାଷ୍ଟ୍ରର ପ୍ରବେଶ କିନ୍ତୁ

ଯୁଦ୍ଧର ସ୍ଥିତିକୁ ପୂରା ବଦଳେଇ ଦେଇଥିଲା। ୧୯୭୬ରେ ଯୁଦ୍ଧ ଶେଷ ଉତ୍ତାରୁ ଉତ୍ତର ଏବଂ ଦକ୍ଷିଣ ଭିଏତନାମ ମିଳିତ ହୋଇ ସୋସିଆଲିଷ୍ଟ ରିପବ୍ଲିକ୍ ଅଫ୍ ଭିଏତନାମ ହେବାବେଳକୁ ଦେଶ ଏକଦମ୍ ଯୁଦ୍ଧ ବିଧ୍ୱସ୍ତ ହୋଇସାରିଥିଲା। କେବଳ ଭିଏତନାମରେ ଯୁଦ୍ଧ ସୀମିତ ନଥିଲା। ପ୍ରଭାବିତ ହୋଇଥିଲା କାମ୍ବୋଡ଼ିଆ ଓ ଲାଓସ୍। ପରିସ୍ଥିତି ଏମିତି ଥିଲା ଯେ ସାମରିକ ଏବଂ ବେସାମରିକମାନଙ୍କ ଭିତରେ ତଫାତ୍ ଜାଣିହେଉନଥିଲା। ସମସ୍ତେ ଯୁଦ୍ଧରେ ଯେମିତି ସାମିଲ ହୋଇସାରିଥିଲେ।

ୱାର୍ ରେମ୍‌ନାଣ୍ଟସ୍ ମ୍ୟୁଜିୟମରେ ଆମେ ପହଞ୍ଚି ସାରିଥିଲୁ। ଯୁଦ୍ଧରେ ବ୍ୟବହୃତ ଟ୍ୟାଙ୍କ, ହେଲିକପ୍ଟର, ଅକାମି ହୋଇସାରିଥିବା ଗୁଳିଗୋଳା/ବୋମା, କ୍ଷେପଣାସ୍ତ୍ର, କାରାଗାରରେ ଯୁଦ୍ଧବନ୍ଦୀମାନଙ୍କ ପ୍ରତିରୂପ, ଯୁଦ୍ଧର ଭୟାବହ ସ୍ଥିତି; ବିଶେଷକରି ଆମେରିକୀୟ ଆକ୍ରମଣର ବୀଭତ୍ସତାକୁ ଦର୍ଶାଉଥିବା ହଜାର ହଜାର ଚମତ୍କାର ଫଟୋଗ୍ରାଫ ମ୍ୟୁଜିୟମକୁ ଯେମିତି ଜୀବନ୍ତ କରି ରଖିଥିଲା। ଗାଇଡ୍ କହିଲେ, ଆମେରିକାର ଭିଏତନାମୀକରଣ ପିଢ଼ି ପରେ ପିଢ଼ିଙ୍କୁ ବିକଳାଙ୍ଗ କରିଛି। ଯୁଦ୍ଧ ତ ଢ଼େର୍ ଆଗରୁ ଶେଷ ହୋଇଛି, କିନ୍ତୁ ଲାଗୁଛି ଯୁଦ୍ଧର ଛାଇ ଏବେ ବି ଯେମିତି ହଟିନାହିଁ। ସେ ପୁଣି କହିଲେ, ଯୁଦ୍ଧକାଳୀନ କ୍ଷୟକ୍ଷତିରୁ (ମୃତାହତ) ନେଇ ବିଭିନ୍ନ ଆକଳନ ମଧ୍ୟରେ ପାର୍ଥକ୍ୟ ରହିଛି। ୧୯୭୮ରେ ହୋଇଥିବା ଆମେରିକୀୟ ସର୍ଭେ ଅନୁସାରେ ଉଭୟ ପକ୍ଷରୁ (ସାମରିକ ଓ ବେସାମରିକ) ମୃତ୍ୟୁସଂଖ୍ୟା ଥିଲା ୧୩ ଲକ୍ଷ। ୧୯୯୫ରେ କରାଯାଇଥିବା ଆଉ ଏକ ସର୍ଭେ ମୁତାବକ (ଯୁକ୍ତରାଷ୍ଟ୍ର) କେବଳ ଭିଏତନାମରେ ମୃତ୍ୟୁସଂଖ୍ୟା ଥିଲା ୮ ଲକ୍ଷରୁ ୧୧ ଲକ୍ଷ। ଏହାବାଦ୍ ଆମେରିକା ଏବଂ ମିଳିତ ବାହିନୀର ମୃତ୍ୟୁ (ସାମରିକ) ସଂଖ୍ୟା ୬୪,୦୦୦ରୁ କମ୍ ନଥିଲା। ତେବେ ଭିଏତନାମ ସରକାର ଜାରି କରିଥିବା ତଥ୍ୟ ଅନୁଯାୟୀ, ୧୯୫୫ରୁ ୧୯୭୫ ମଧ୍ୟରେ ପ୍ରାଣ ହରେଇଥିଲେ ୩ ନିୟୁତ ଭିଏତନାମୀ। ଗାଇଡ୍ ସେତେବେଳକୁ ଗ୍ୟାଲେରୀରେ ଥିବା ଏକ ବଡ଼ ଫଟୋ ପାଖକୁ ନେଇ ଆସିଥିଲେ, ଯାହା ପର୍ଯ୍ୟବସିତ ଥିଲା ରାସାୟନିକ ଆକ୍ରମଣ ଉପରେ। ପାଠକମାନଙ୍କ ପାଇଁ ସ୍ପଷ୍ଟ କରୁଛି ଯେ, ଯୁକ୍ତରାଷ୍ଟ୍ରର ଯୁଦ୍ଧ ବହୁଳାଂଶରେ ଏକ ରାସାୟନିକ ଯୁଦ୍ଧ ଥିଲା। ଆନ୍ତର୍ଜାତିକ କଟକଣା ବାହାରେ ରାସାୟନିକ ବ୍ୟବହୃତ ହୋଇଥିଲା ଅତ୍ୟନ୍ତ ନିର୍ମମ ଭାବରେ । ୮ ନିୟୁତ ଲୋକସଂଖ୍ୟାର ଗୋଟିଏ ସହରକୁ ଧ୍ୱଂସ କରିଦେବା ପାଇଁ ମାତ୍ର ୮୫ ଗ୍ରାମ ଡାୟୋକ୍ସିନ ଯଥେଷ୍ଟ ହୋଇଥିଲେ ହେଁ ଯୁକ୍ତରାଷ୍ଟ୍ର ଏଜେଣ୍ଟ ପିଙ୍କ୍, ଏଜେଣ୍ଟ ଗ୍ରୀନ୍, ଏଜେଣ୍ଟ ପର୍ପଲ୍ ଏବଂ ଏଜେଣ୍ଟ ଅରେଞ୍ଜ ବ୍ୟବହାର କରୁଥିଲା, ଯେଉଁଥିରେ ଡାୟୋକ୍ସିନର ମାତ୍ରା ଥିଲା ୪୦ରୁ ୬୫.୬ (ପିପିଏମ୍)। ଏସବୁ ପ୍ରୟୋଗ ହୋଇଥିଲା

୧୯୬୧ରୁ ୧୯୭୧ ମଧ୍ୟରେ; ଯାହାକୁ କୁହାଯାଉଥିଲା 'ରାଞ୍ଚହେଡ୍ ଅପରେସନ୍'। ଏଜେଣ୍ଟ ଅରେଞ୍ଜ ଥିଲା ସବୁଠୁ ଭୟାବହ। ଆମେରିକୀୟ ବିମାନ ଭିଏତନାମର ଘଞ୍ଚ ମୌସୁମୀ ଜଙ୍ଗଲ ଉପରକୁ ସ୍ପ୍ରେ କରୁଥିଲେ ଏଇ ଜହର, ଗରିଲାମାନଙ୍କୁ ମାରିବା ପାଇଁ। ତେବେ ଏହା ଯୋଗୁଁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ପ୍ରଭାବିତ ହୋଇଥିଲେ ୪ ନିୟୁତ ଭିଏତନାମୀ। ଆଉ ଯେଉଁମାନେ କୌଣସିମତେ ବର୍ତ୍ତିଗଲେ, ସେମାନେ ଅବଶିଷ୍ଟ ଜୀବନ ଯନ୍ତ୍ରଣା ସହିତ ବିତେଇଲେ। ଏକ ବଡ଼ ପୋଷ୍ଟର ଆଗରେ ଠିଆ ହୋଇଥିଲେ ଗାଇଡ୍, ଯେଉଁଥିରେ ଲେଖାଥିଲା ଯେ ଭିଏତନାମରେ ମରିଥିଲେ ୩ ନିୟୁତ, ଆହତ ହୋଇଥିଲେ ୨ ନିୟୁତ ଏବଂ ୩ ଲକ୍ଷ ନିରୁଦ୍ଦିଷ୍ଟ ହୋଇଥିଲେ। ଯୁଦ୍ଧ ପରେ ବି ଯୁଦ୍ଧ ଚାଲିଥିଲା। ଆମେରିକା ସେନା ଛାଡ଼ିଯାଇଥିଲେ ୬ ଲକ୍ଷ ଟନ୍ ବୋମା। ୬.୬ ନିୟୁତ ହେକ୍ଟର ଜମି ବୋମା/ବିସ୍ଫୋରକ ପ୍ରୟୋଗରେ ବିଷାକ୍ତ ହୋଇସାରିଥିଲା ଏବଂ ୯,୨୮୪ ଜନବସତି ଆଉ ବାସୋପଯୋଗୀ ନଥିଲା। ଦୁର୍ଭାଗ୍ୟ ହେଉଛି, ୧୯୭୫ରୁ ୨୦୦୨ ଭିତରେ ୪୨,୧୩୫ ଲୋକଙ୍କ ପ୍ରାଣହାନି ଘଟିଥିଲା ଅଫୁଟା ବୋମା ବିସ୍ଫୋରଣ ଯୋଗୁ। ୬୨,୧୪୩ ଆହତ ହୋଇଥିଲେ। ଯୁଦ୍ଧରେ ଆମେରିକା ଉପଯୋଗ କରିଥିଲା ୨,୦୭୪ ଟ୍ୟାଙ୍କ, ୧୮୦୦ ଯୁଦ୍ଧବିମାନ/ହେଲିକପ୍ଟର, ୫୬,୦୦୦ ଅନ୍ୟାନ୍ୟ ମିଲିଟାରୀ ଗାଡ଼ି ଏବଂ ପର୍ଯ୍ୟାପ୍ତ ମାରଣାସ୍ତ୍ର।

ଗାଇଡ୍ କହିଲେ, ସବୁଠୁ ଭୟାବହ ଥିଲା ନାପାମ୍ ବୋମା (ଏଜେଣ୍ଟ ଅରେଞ୍ଜ)। କୁହାଯାଏ- ୧୯୬୫ରୁ ୧୯୭୩ ମଧ୍ୟରେ ଭିଏତନାମ ଉପରେ ଯୁକ୍ତରାଷ୍ଟ୍ର ପକେଇଥିଲା ୮ ନିୟୁତ ଟନ୍ ନାପାମ୍; ଯାହା ୨ୟ ବିଶ୍ୱଯୁଦ୍ଧରେ ବ୍ୟବହୃତ ନାପାମଠାରୁ ୩ ଗୁଣ ଅଧିକ। ଯୁଦ୍ଧ ଶେଷ ହେବାର ବେଶ୍ ବର୍ଷ ପର୍ଯ୍ୟନ୍ତ କ୍ଷୟକ୍ଷତି ଲାଗି ରହିଥିଲା। ଭିଏତନାମ ରେଡକ୍ରସ ଦ୍ୱାରା କରାଯାଇଥିବା ସର୍ଭେ ମୁତାବକ ନାପାମ ପ୍ରଭାବରୁ ଜନ୍ମ ନେଇଥିଲେ ୪ ଲକ୍ଷ ବିକଳାଙ୍ଗ ଶିଶୁ। ପର୍ଯ୍ୟାୟକ୍ରମେ ସମୁଦାୟ ମୃତ୍ୟୁସଂଖ୍ୟା ୪.୮ ନିୟୁତକୁ ଛୁଇଁଥିଲା। ନାପାମ୍ ପ୍ରତିକ୍ରିୟା ଏତେ ତୀବ୍ର ଏବଂ ଭୟଙ୍କର ଯେ ଏହାର ବିସ୍ଫୋରଣ/ଜ୍ୱଳନ ସ୍ଥାନୀୟ ବାତାବରଣକୁ ଖୁବ୍ ଶୀଘ୍ର ଅମ୍ଳଜାନଶୂନ୍ୟ କରିପକାଏ। ସେଇ ସ୍ଥାନ ପୂରଣ କରେ କାର୍ବନ ମନୋକ୍ସାଇଡ୍ ଏବଂ କାର୍ବନ ଡାୟୋକ୍ସାଇଡ୍, ଯାହା ଶ୍ୱାସରୁଦ୍ଧ କରିଦେବା ପାଇଁ ଯଥେଷ୍ଟ। ୧୯୪୨ରେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଏକ ଗୋପନୀୟ ପରୀକ୍ଷାଗାରରେ ପ୍ରସ୍ତୁତ ହୋଇଥିଲା 'ଏଜେଣ୍ଟ ଅରେଞ୍ଜ' ଏବଂ ପ୍ରଥମ ଥର ପାଇଁ ୨ୟ ବିଶ୍ୱଯୁଦ୍ଧରେ ପ୍ରୟୋଗ ହୋଇଥିଲା। ପରେ କୋରିଆ ଏବଂ ଭିଏତନାମରେ। ନାପାମର ଜ୍ୱଳନ ଯନ୍ତ୍ରଣା ମାତ୍ରାଧିକ। ବିଶେଷଜ୍ଞଙ୍କ ମତରେ, ୯୯%

କ୍ଷେତ୍ରରେ ମୃତ୍ୟୁ ସୁନିଶ୍ଚିତ। ଫୁଟନ୍ତା ପାଣିର ତାପମାତ୍ରା ୨୧୨ ଡିଗ୍ରୀ ଫାରେନହିଟ୍ ହୋଇଥିବାସ୍ଥଳେ ନାପାମ ଉତ୍ପନ୍ନ ଉତ୍ତାପ ୧୫୦୦ରୁ ୨୦୦୦ ଡିଗ୍ରୀ ଫାରେନହିଟ୍।

ଗ୍ୟାଲେରୀ ବୁଲିବା ଭିତରେ ଆମେ ଆଉ ଏକ ବଡ଼ ପୋଷ୍ଟରକୁ ଇଙ୍ଗିତ କରିଥିଲୁ। ସେଥିରେ ଲେଖା ଥିଲା "ଆମେ ଏ ସତ୍ୟକୁ ସ୍ୱୟଂ-ପ୍ରମାଣିତ ବୋଲି ଗ୍ରହଣ କରୁଛୁ ଯେ, ସବୁ ମଣିଷ ସମାନ। ବିଧାତା ସମସ୍ତଙ୍କୁ କିଛି ଅଧିକାର ଦେଇଛନ୍ତି ଯାହା ଅଲଂଘନୀୟ ଏବଂ ଯାହା ଭିତରେ ରହିଛି ଜୀବନ, ସ୍ୱାଧୀନତା ତଥା ସୁଖ-ଶାନ୍ତିର ଅନ୍ୱେଷଣ" (ଜୁଲାଇ ୪, ୧୯୭୬ରେ ଯୁକ୍ତରାଷ୍ଟ୍ର ଦ୍ୱାରା ଜାରି ଭିଏତନାମ ସ୍ୱାଧୀନତା ସଂକ୍ରାନ୍ତ ଘୋଷଣା)। ଗାଇଡ୍ ହସିଲେ। କହିଲେ-କମ୍ୟୁନିଷ୍ଟମାନେ ଦକ୍ଷିଣ ଭିଏତନାମ ଅକ୍ତିଆର କରିବା ପରେ ପରେ 'ସାଇଗନ୍'ର ନାଁ ବଦଳି ଯାଇଥିଲା ହୋ-ଚି-ମିନ୍ ସିଟିକୁ। ପ୍ରାୟ ୩ ଘଣ୍ଟା ମ୍ୟୁନିୟମ ବୁଲି ସୁ-ସି ଟନେଲ୍ ଯିବା ବାଟରେ ଗାଇଡ୍ କହିଲେ- ଯୁଦ୍ଧବିଧ୍ୱସ୍ତ ଭିଏତନାମ ଗତ ୧୫-୨୦ବର୍ଷ ଭିତରେ ଲକ୍ଷ୍ୟଣୀୟ ଅଭିବୃଦ୍ଧି ହାସଲ କରିଛି। ବାର୍ଷିକ ଘରୋଇ ଉତ୍ପାଦନ ବୃଦ୍ଧି ହାର ହାରାହାରି ୭ ପ୍ରତିଶତ। ଦାରିଦ୍ର୍ୟ ସୀମାରେଖା ତଳେ ଅତି ବେଶୀରେ ୭.୫% ଏବଂ ବେରୋଜଗାରୀ ୨.୩୧%। ୨୦୧୫ରେ ମୋଟ ରପ୍ତାନି ଥିଲା ୧୬୩ ବିଲିୟନ୍ ଡଲାର। ସଂଯୋଗକୁ ରପ୍ତାନିର ବଡ଼ ଭାଗ (୨୧%) ସଂପୃକ୍ତ ଯୁକ୍ତରାଷ୍ଟ୍ର ସହ। କମ୍ୟୁନିଷ୍ଟ ଶାସନ। ଦ୍ୱିତୀୟ ଦଳ ନାହିଁ। ଭିଏତନାମର ଅର୍ଥନୈତିକ ସ୍ୱାସ୍ଥ୍ୟ ବାରି ହୋଇପଡୁଥିଲା। ଯୁଦ୍ଧ ଉପରାନ୍ତ ବିପର୍ଯ୍ୟସ୍ତ ଅର୍ଥନୀତିରୁ ଭିଏତନାମ ଉଠିଥିଲା ଫିନିକ୍ସ ପରି। ଉଜୁଡ଼ା ଜଙ୍ଗଲ, ଧାନକ୍ଷେତ ପୁଣି ସବୁଜ ହୋଇସାରିଥିଲା। ପ୍ରାୟ ଦେଢ଼ଘଣ୍ଟାର ଯାତ୍ରା ପରେ ଆମେ ସୁ-ସି ଟନେଲ୍ ପାଖରେ ପହଞ୍ଚି ସାରିଥିଲୁ।

(ପ୍ରମେୟ, ତା ୧୦/୫/୨୦୧୬)



ବିଭିନ୍ନ ଓଡ଼ିଆ ସମ୍ବାଦପତ୍ରରେ ପ୍ରକାଶିତ ଶୈଳେନ୍ଦ୍ରଙ୍କ ଆଲେଖ୍ୟମାନ ଭିତ୍ତି କରିଛି ଅର୍ଥନୀତି, ରାଜନୀତି, ପରିବେଶ, ବିଜ୍ଞାନ, ଦର୍ଶନ ତଥା ମାନବବାଦୀ ପ୍ରସଙ୍ଗମାନଙ୍କୁ ନେଇ। ଯେଉଁ ଦୁଇଟି ବିଶେଷ କାରଣରୁ ଶୈଳେନ୍ଦ୍ରଙ୍କ ଲେଖା ପାଠକମାନଙ୍କୁ ଅଭିଭୂତ କରେ, ତାହା ହେଲା- ଶବ୍ଦ ବିନ୍ୟାସର କାରିଗରୀ ଏବଂ ବିଷୟବସ୍ତୁର ସାନ୍ଦ୍ରତା। ତାଙ୍କ ପ୍ରବନ୍ଧରେ ଭାବର ଗମ୍ଭୀରତା ସହ ରହିଥାଏ ବିଷୟକୁ କଠିନତାରୁ ମୁକ୍ତି କରିବାର ଏକ କଳାତ୍ମକ ପ୍ରୟାସ..

'ସମ୍ବାଦ'

ସରଳ, ସହଜ, ଭାବଗର୍ଭିକ ଏବଂ ଚିନ୍ତା ଉଦ୍ରେକକାରୀ

'ନିତିଦିନ'

ସାହିତ୍ୟ କହିଲେ ଆମେ କେବଳ ଗଳ୍ପ, କବିତା, ପ୍ରବନ୍ଧ ଓ ନାଟ୍ୟ ରଚନାକୁ ବୁଝି ଆସିଛୁ। ଭି ଏସ୍ ନୈପାଲ୍‌ଙ୍କ ମତରେ- ଏବେ ସାହିତ୍ୟ ତାର ବିଭାଗୀୟ ମାନ୍ୟତାକୁ ଅତିକ୍ରମ କରି ନିଜକୁ ରଚନାର ବିଶାଳ ଜଗତ ଭିତରେ ପ୍ରତିଷ୍ଠିତ କରିବା ଜରୁରୀ। ଶୈଳେନ୍ଦ୍ର ତାହାହିଁ କରି ଆସିଛନ୍ତି।

'ଇଭେଣ୍ଟ୍ସ୍'

ଶୈଳେନ୍ଦ୍ରଙ୍କ ଅନ୍ୟାନ୍ୟ ରଚନା

ଅସନ୍ତୁଷ୍ଟ ହେବାର ଅନୁରାଗ, ମୁଖା, ମାୟାମିରିଗ, ଏକ ଚିତ୍ରବାଘର କାହାଣୀ, ଲୋହିତ ସୂର୍ଯ୍ୟର ଦେଶ ପାହାଡ ତଳର ଏକ ଗାଁ, ବୋଆ ସିନିଅର୍‌ଙ୍କ ଶେଷ ଗୀତ. ନିଜ ନିଜ ନିର୍ବାଣ, ନିଜ ଭିତରେ ଆକାଶ ଗାନ୍ଧୀଙ୍କ ସହିତ କପେ କଫି, ଜୋନାଥନ୍‌ର ଦେଶ

Events Publication
4555 VSS Nagar,
Bhubaneswar- 751007
prakas.mohapatra@gmail.com
ph- 8658788994

ISBN 978-908070-1-2
978-81-908070-1-2

NONFICTION

ରଚନା
₹-୧୫୦